# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 26 June – 2025

********************************

## ମୁଖ୍ୟ ସମ୍ବାଦ

- ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କର ନବଯୌବନ ଦର୍ଶନ କଲେ ଶ୍ରଦ୍ଧାଳୁ

– ଆସନ୍ତାକାଲି ରଥଯାତ୍ରା ପାଇଁ ଶେଷ ପର୍ଯ୍ୟାୟରେ ପ୍ରସ୍ତୁତି

- ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୭ତମ ଶ୍ରାଦ୍ଧବାର୍ଷିକୀ ପାଳିତ

- ନିଶା ନିବାରଣ ଲକ୍ଷ୍ୟ ନେଇ ଦିଶା ଯୋଜନା ମାଧ୍ୟମରେ ରାଜ୍ୟରେ ପ୍ରତିଷ୍ଠା କରାଯାଇଛି ୧୧ଟି ନିଶାମୁକ୍ତି କେନ୍ଦ୍ର

ଏବଂ

- ଆଜି ଉଦ୍‌ଯାପିତ ହେଉଛି ୭୮ତମ ସିନିୟର ଜାତୀୟ ଆକ୍ୱାଟିକ୍ ଚାମ୍ପିଅନସିପ୍

*Puri/R*

# ନବଯୌବନ ଦର୍ଶନ

ଆଷାଢ଼ ଶୁକ୍ଳ ପ୍ରତିପଦା ତିଥିରେ ଆଜି ମହାପ୍ରଭୁ ନବଯୌବନ ବେଶରେ ସଜ୍ଜିତ ହେବା ସହ ନେତ୍ରୋତ୍ସବରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି । ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସକାଳ ୮ଟାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ବ୍ୟବସ୍ଥା କରାଯାଇଥିଲା ।

ଶୁଣନ୍ତୁ ଏ ସମ୍ପର୍କିତ ଏକ ରିପୋର୍ଟ...

*ପରମ୍ପରା ଅନୁଯାୟୀ, ୧୫ଦିନର ଅଣସର ପରେ ଶ୍ରୀଜୀଉ ଶ୍ରଦ୍ଧାଳୁମାନଙ୍କୁ ନବଯୌବନ ବେଶରେ ଦର୍ଶନ ଦେଇଛନ୍ତି । ଶ୍ରଦ୍ଧାଳୁ ପାରମାଣିକ ଦର୍ଶନ ପାଇଁ ଦକ୍ଷିଣ ଦ୍ୱାର ଦେଇ ପ୍ରବେଶ କରିଥିଲେ । ପରେ ସିଂହଦ୍ୱାର ଦେଇ ଶ୍ରଦ୍ଧାଳୁ ମନ୍ଦିରକୁ ପ୍ରବେଶ କରି ଠାକୁରଙ୍କୁ ସାହାଣ ମେଲାରେ ଦର୍ଶନ କରିଥିଲେ । ଏହାପରେ ଠାକୁରଙ୍କ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇଛି । ସାଢ଼େ ୭ଟାରେ ସନ୍ଧ୍ୟା ଆଳତି ପାଇଁ ସମୟ ନିର୍ଘଣ୍ଟ ସ୍ଥିର ହୋଇଛି । କାର୍ଯ୍ୟସୂଚୀ ଅନୁଯାୟୀ, ବଡ଼ସିଂହାର ବେଶ ଏବଂ ବଡ଼ସିଂହାର ଭୋଗ ପରେ ରାତି ସାଢ଼େ ୧୧ଟାରେ ପହୁଡ଼ ଆଳତି କରାଯିବ । ରାତି ସାଢ଼େ ୧୨ଟାରୁ ଭୋର୍ ସାଢ଼େ ୫ଟା ପର୍ଯ୍ୟନ୍ତ ଠାକୁରଙ୍କର ସେନାପଟା ଲାଗି ନୀତି ପାଇଁ ସମୟ ନିର୍ଘଣ୍ଟ ସ୍ଥିର ହୋଇଛି । ଆସନ୍ତାକାଲି ରଥଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଁଞ୍ଚିଛି । ଆଜି ରଥଖଳାରୁ*

*ଶ୍ରୀମନ୍ଦିର ନିକଟକୁ ତିନି ରଥକୁ ଅଣାଯିବ । ସକାଳ ଧୂପ ଶେଷ ହେବା ପରେ ପାଳିଆ ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ନେଇ ରଥଖଳାକୁ ବିଜେ କରିବେ । ଏହାପରେ ତିନୋଟି ଯାକ ରଥକୁ ଶ୍ରୀମନ୍ଦିର ସମ୍ମୁଖକୁ ଅଣାଯିବ। ପାଗ ଅନୁକୂଳ ଥିବାରୁ ପୁରୀରେ ଶ୍ରଦ୍ଧାଳୁଙ୍କର ଭିଡ଼ ଲାଗି ରହିଛି। ଆସନ୍ତାକାଲି ସକାଳ ୯ଟାରେ ତିନିରଥକୁ ପ୍ରତିଷ୍ଠା କରାଯିବା ପରେ ସାଢ଼େ ୯ଟାରୁ ଠାକୁରଙ୍କର ପହଣ୍ଡି ବିଜେ ଆରମ୍ଭ ହେବ।*

*ଆକାଶବାଣୀ କଟକ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ*

**Boudh/Subarnpur**

## ନବଯୌବନ ଦର୍ଶନ

ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ଜଗନ୍ନାଥ ମନ୍ଦିରରେ  ଅଣସରରେ ଥିବା ଶ୍ରୀଜୀଉମାନେ ଶ୍ରଦ୍ଧାଳୁଙ୍କୁ ନବଯୌବନ ବେଶରେ ଦର୍ଶନ ଦେଉଛନ୍ତି। ପାତାଳି ଶ୍ରୀକ୍ଷେତ୍ରଠାରେ ତ୍ରିକୂଟ ପାହାଡ଼ର ଛଳିଆ ଶିଖରରେ ଆଜି ଚତୁର୍ଦ୍ଧା ମୂର୍ତ୍ତିଙ୍କ ନବଯୌବନ ବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଛି।

ବୌଦ୍ଧ ଜିଲ୍ଲା ଶ୍ରୀଜଗନ୍ନାଥ ମନ୍ଦିରଠାରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ନେତ୍ରୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କ ନବଯୌବନ ଦର୍ଶନ କରିଛନ୍ତି।

## ଗୋପବନ୍ଧୁ-ଶ୍ରାଦ୍ଧବାର୍ଷିକୀ

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୭ତମ ଶ୍ରାଦ୍ଧବାର୍ଷିକୀରେ ରାଜ୍ୟବାସୀ ଆଜି ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି। ସେବା, ସଂଗ୍ରାମ, ସଂସ୍କାର ଓ ତ୍ୟାଗର ପ୍ରତୀକ ପଣ୍ଡିତ ଗୋପବନ୍ଧୁ ୧୮୭୭ ମସିହା ଅକ୍ଟୋବର ୯ ତାରିଖରେ ପୁରୀ ଜିଲ୍ଲା ସାକ୍ଷୀଗୋପାଳ ନିକଟସ୍ଥ ସୁଆଣ୍ଡୋ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ମାନବ ସେବାକୁ ମାଧବ ସେବା ଭାବେ ନୀତି କରିଥିବା ଗୋପବନ୍ଧୁ କର୍ମ ହିଁ ଜୀବନର ମାନଦଣ୍ଡ ବୋଲି ବାର୍ତ୍ତା ଦେଇଥିଲେ।

ଗୋପବନ୍ଧୁ ୧୯୧୭ ମସିହାରୁ ୧୯୨୧ ମସିହା ପର୍ଯ୍ୟନ୍ତ ବିହାର-ଓଡ଼ିଶା ବିଧାନସଭାର ସଦସ୍ୟ ଏବଂ ୧୯୨୧ ମସିହାରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପ୍ରଥମ ଅଧ୍ୟକ୍ଷ ହୋଇଥିଲେ। ପୂର୍ବରୁ ୧୯୦୩ ମସିହାରେ ଉତ୍କଳ ସମ୍ମିଳନୀରେ ସକ୍ରିୟ ଭୂମିକା ଗ୍ରହଣ କରିବା ସହିତ ୧୯୦୯ ମସହାରେ ପୁରୀର ସତ୍ୟବାଦୀଠାରେ ବନବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନର ପୁରୋଧା ଉତ୍କଳମଣି ଗୋପବନ୍ଧୁ ଦାସ କହିଥିଲେ- 'ଭାଷା ହିଁ ଜାତିର ପ୍ରାଣସ୍ପନ୍ଦନ'। ଜଣେ ଛାତ୍ରବତ୍ସଳ ଶିକ୍ଷକ, ସମାଜ ସଂସ୍କାରକ, ଦାର୍ଶନିକ, ଲେଖକ ଏବଂ

ରାଜନୈତିକ ଭାବରେ ସୁପରିଚିତ ଉତ୍କଳମଣି ଗୋପବନ୍ଧୁ ୧୯୨୮ ମସିହା ଆଜିର ଦିନରେ ଇହଧାମ ତ୍ୟାଗ କରିଥିଲେ।

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ବିଧାନସଭା ପରିସରରେ ପାଳିତ ହୋଇଯାଇଛି। ବାଚସ୍ପତି ସୁରମା ପାଢ଼ି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

***Puri***

## ଧର୍ମେନ୍ଦ୍ର ପ୍ରଧାନ- ପ୍ରକଳ୍ପ ଲୋକାର୍ପଣ

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୁରୀ ସାକ୍ଷୀଗୋପାଳ ବୀରଗୋବିନ୍ଦପୁରରେ ଆଜି ୪ କୋଟିରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ କରିଛନ୍ତି। ଲୋକାର୍ପିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ କମ୍ୟୁନିଟି ହଲ୍, ବହୁମୁଖୀ ଦକ୍ଷତା ତାଲିମ କେନ୍ଦ୍ର, ଯୋଗକେନ୍ଦ୍ର, ଶୌଚାଳୟ, ପାନୀୟଜଳ ବ୍ୟବସ୍ଥା ଆଦି ରହିଛି। ବୀରଗୋବିନ୍ଦପୁର ଗ୍ରାମକୁ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

***CTC/Subarnpur/DHNKL/Boudh***

## ନିଶା ନିବାରଣ ଦିବସ

ନିଶା ନିବାରଣ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଅନ୍ତର୍ଜାତୀୟ ବେଆଇନ ନିଶାଦ୍ରବ୍ୟ କାରବାର ବିରୋଧୀ ଦିବସ ପାଳନ କରାଯାଉଛି । ନିଶାସେବନ ଏବଂ ନିଶା ଔଷଧର ଅବୈଧ କାରବାରର

କୁପ୍ରଭାବର ପରିଣାମ ବିଷୟରେ ୧୯୮୯ ମସିହାଠାରୁ ଆନ୍ତର୍ଜାତୀୟସ୍ତରରେ ଏହି ଦିବସ ପାଳନ କରାଯାଉଛି। ସଦ୍ୟ ପ୍ରକାଶିତ ବିଶ୍ୱ ଡ୍ରଗ୍ ରିପୋର୍ଟ ଅନୁସାରେ ବିଶ୍ୱରେ ବାର୍ଷିକ ୩ କୋଟି ୫୦ଲକ୍ଷ ଲୋକ ନିଶାସେବନର ଶିକାର ହେଉଛନ୍ତି। ୨୦୧୭ ମସିହାର ରିପୋର୍ଟ ଅନୁସାରେ ୧୧ ମିଲିୟନ ଲୋକ ନିଶା ନିଞ୍ଜେକସନ୍ ବ୍ୟବହାର କରିଥିଲେ। ସେମାନଙ୍କ ମଧ୍ୟରୁ ୧୪ ଲକ୍ଷ ଲୋକ ଏଚ୍.ଆଇ.ଭି. ଆକ୍ରାନ୍ତ ଥିଲେ ଏବଂ ୫୬ ଲକ୍ଷ ଲୋକ ହେପ୍‌ଟାଇଟିସ୍-ସି’ରେ ପୀଡ଼ିତ ଥିଲେ। ବେଆଇନ୍ ନିଶା କାରବାର ବିଶ୍ୱରେ ଏକ ବଡ଼ ସମସ୍ୟା ସୃଷ୍ଟି କରିଛି। ଆଫ୍ରିକା ମହାଦେଶ ଏବଂ ମାଳଦ୍ୱୀପରେ ବେଆଇନ ନିଶା ବଜାର ବୃଦ୍ଧି ପାଉଥିବାରୁ ସମସ୍ୟାକୁ ଆହୁରି ଜଟିଳ କରୁଛି।

ନିଶା ନିବାରଣ ନିମନ୍ତେ ରାଜ୍ୟ ସରକାର ଦିଶା ଯୋଜନା ମାଧ୍ୟମରେ ୧୧ଟି ନିଶାମୁକ୍ତି କେନ୍ଦ୍ର ପ୍ରତିଷ୍ଠା କରିଛନ୍ତି। ଏହା ସହ ନିଶାଶକ୍ତ ବ୍ୟକ୍ତିମାନଙ୍କର ନିଶା ନିବାରଣ, ପୁନର୍ବାସ, ବିକାଶ, କଲ୍ୟାଣ ଓ ସୁରକ୍ଷା ନିମନ୍ତେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ନିଶାସକ୍ତ ବ୍ୟକ୍ତିମାନଙ୍କର ସମସ୍ୟାର ସମାଧାନ ପାଇଁ ପରିବାରବର୍ଗ, ଗୋଷ୍ଠୀ ତଥା ସମାଜ ସମ୍ବେଦନଶୀଳ ହେବା ସହ ଏକ ସକାରାତ୍ମକ ଦୃଷ୍ଟିଭଙ୍ଗୀ ପୋଷଣ କରିବା ଜରୁରୀ ହୋଇପଡ଼ିଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଦିବସ ଉପଲକ୍ଷେ ନିଜ ବାର୍ତ୍ତାରେ କହିଛନ୍ତି, ନିଶାଦ୍ରବ୍ୟର ମାରାତ୍ମକତା ସମ୍ପର୍କରେ ସଚେତନତା ସୃଷ୍ଟି କରିବ, ନିଶାସକ୍ତ ବ୍ୟକ୍ତିମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ସଚେତନ ହେବା ଜରୁରୀ । ସମାଜରୁ ସେମାନଙ୍କୁ ନ ଦୂରେଇ ସେମାନଙ୍କର ପୁନର୍ବାସପାଇଁ ଗ୍ରହଣୀୟତା ବୃଦ୍ଧି କରାଇବା ଓ ନିଶା ନିବାରଣ କାର୍ଯ୍ୟରେ ସହାୟତା କରିବାପାଇଁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି ।

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆଜି ଅନ୍ତର୍ଜାତୀୟ ବେଆଇନ୍ ନିଶାଦ୍ରବ୍ୟ କାରବାର ବିରୋଧୀ ଦିବସ ପାଳନ କରାଯାଉଛି ।

କଟକଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ନିଶା ସେବନଠାରୁ ଦୂରେଇ ରହିବାକୁ ଜନସାଧାରଣଙ୍କୁ ଆହ୍ୱାନ ଦିଆଯାଇଛି । ଅତିରିକ୍ତ ଜିଲ୍ଲାପାଳ ଡାକ୍ତର ଇପସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନିଶାଦ୍ରବ୍ୟ ସେବନ ଏବଂ ଏହାର କୁପରିଣାମ ଉପରେ ଆଲୋକପାତ କରାଯାଇଛି । ବିଶିଷ୍ଟ ଭେଷଜ ବିଶେଷଜ୍ଞ ଡାକ୍ତର ଜୟନ୍ତ କୁମାର ପଣ୍ଡା ଏ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି ।

ସୁବର୍ଣ୍ଣପୁର ଜିଲ୍ଲାରେ ଏହି ଦିବସ ପାଳିତ ହୋଇଯାଇଛି । ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଓ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ଏକ ସଚେତନତା ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଛନ୍ତି ।

ଢେଙ୍କାନାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଦିବସ ପାଳିତ ହୋଇଯାଇଛି । ନିଶାନିବାରଣ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା ।

ବୌଦ୍ଧ ଜିଲ୍ଲା ଟାଉନହଲଠାରେ ଅନ୍ତର୍ଜାତୀୟ ବେଆଇନ୍ ନିଶାଦ୍ରବ୍ୟ କାରବାର ବିରୋଧୀ ଦିବସ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ବର୍ଗର ଜନସାଧାରଣ ଅଂଶଗ୍ରହଣ କରିଥିଲେ ।

***HS***

## ଗଞ୍ଜେଇ ଚାଷ ନଷ୍ଟ

ରାଜ୍ୟରେ ଗଞ୍ଜେଇ ଚାଷ ଉପରେ ସରକାର ତୀକ୍ଷ୍ଣ ନଜର ରଖିଛନ୍ତି ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଚଳିତ ବର୍ଷ ରାଜ୍ୟର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ଚାଷ କରାଯାଇଥିବା ଗଞ୍ଜେଇକୁ ନଷ୍ଟ କରାଯାଇଛି । ଜନସାଧାରଣଙ୍କୁ ଗଞ୍ଜେଇ ଚାଷରୁ ନିବୃତ କରିବା ପାଇଁ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ରାଜ୍ୟକୁ ସମ୍ପୂର୍ଣ୍ଣ ଗଞ୍ଜେଇ ମୁକ୍ତ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି । ଅନ୍ୟପକ୍ଷେ, ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରୁ ଏକ ସଚେତନତା ପଦଯାତ୍ରା ବାହାରି ସହର ପରିକ୍ରମା କରିଥିଲା । ଏଥିରେ ଯୋଗଦେଇ ଶ୍ରୀ ହରିଚନ୍ଦନ କହିଛନ୍ତି, ଆସନ୍ତା ଏକ ମାସ ପର୍ଯ୍ୟନ୍ତ ଏଭଳି ସଚେତନତା କାର୍ଯ୍ୟକ୍ରମ ସମଗ୍ର ରାଜ୍ୟରେ ଜାରି ରହିବ ।

**- V/O -**

ବିଭାଗ ପକ୍ଷରୁ ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ନିଶାମୁକ୍ତ ଅଭିଯାନ ଆରମ୍ଭ ହୋଇଛି । 'ନିଶା ନୁହେଁ ଜୀବନ' ସଂକଳ୍ପ ନେଇ ଏହି ପଦଯାତ୍ରାରେ ବହୁସଂଖ୍ୟକ ଯୁବପିଢ଼ି ସାମିଲ ହୋଇ ସଚେତନ କରାଉଛନ୍ତି ।

***BBSR/R***

## ଜଳ ନିଷ୍କାସନ

ରାଜ୍ୟରେ ବର୍ଷା ପରିସ୍ଥିତିକୁ ଦୃଷ୍ଟିରେ ରଖି ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାକୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି । ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ  ସ୍ଥାନୀୟ ସଂସ୍ଥା ଗୁଡ଼ିକୁ ତଳିଆ ଅଞ୍ଚଳଗୁଡ଼ିକରୁ ପାଣି ନିଷ୍କାସନ କରିବା ପାଇଁ ଆଗୁଆ ପଦକ୍ଷେପ ଗ୍ରହଣ କରିବାକୁ କହିଛନ୍ତି । ଏଥିପାଇଁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା ଉପରେ ସେ ଗୁରୁତ୍ୱ ଦେଇଛନ୍ତି । ଜରୁରୀ ପରିସ୍ଥିତର ମୁକାବିଲା ପାଇଁ ତ୍ୱରିତ କ୍ରିୟାନୁଷ୍ଠାନ ଦଳ ପ୍ରସ୍ତୁତ ରଖିବାକୁ ସେ କହିଛନ୍ତି । ପରିସ୍ଥିତି ଉପରେ ବିଭାଗ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଛି ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଦିଆଯାଇଥିବା ପରାମର୍ଶବଳୀକୁ ଅନୁସରଣ କରିବାକୁ ସଚିବ ଶ୍ରୀମତୀ ପାଢ଼ୀ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି ।

***Jajpur***

## ଡାଇରିଆ ନିରାକରଣ

ଯାଜପୁର ଜିଲ୍ଲାରେ ଜିଲ୍ଲାପାଳ ପି.ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଡାଇରିଆ ନିରାକରଣ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବସ୍ତି ଅଞ୍ଚଳରେ ପରିଷ୍କାର ଓ ସଚେତନତା କାର୍ଯ୍ୟକ୍ରମକୁ ଅଧିକ ଗୁରୁତ୍ୱ ଦେବାକୁ ଜିଲ୍ଲାପାଳ ଅଧିକାରୀ ଓ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱୟଂସହାୟକ ଗୋଷ୍ଠୀ, ଅଙ୍ଗନବାଡ଼ି ଓ ବ୍ଲକସ୍ତରୀୟ କର୍ମଚାରୀମାନେ ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ବର୍ତ୍ତମାନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହ ଅନ୍ୟ ଡାକ୍ତରମାନଙ୍କରେ ମୋଟ ୧୦୭ ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି।

***Desk***

## ବିଦ୍ୟୁତ୍ ସୁରକ୍ଷା ସପ୍ତାହ

ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ଆଜିଠାରୁ ଆସନ୍ତା ମାସ ୨ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ବିଦ୍ୟୁତ୍ ଆଘାତରୁ ସୁରକ୍ଷା ନିମନ୍ତେ ସରକାରଙ୍କ ପକ୍ଷରୁ ଜନସାଧାରଣଙ୍କୁ ସଚେତନ କରାଯାଉଛି ।

***BBSR/R***

## ଆକ୍ୱାଟିକ୍ ଚାମ୍ପିଅନସିପ୍

ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍ ଆକ୍ୱାଟିକ୍ ସେଣ୍ଟରଠାରେ ଚାଲିଥିବା ୭୮ତମ ସିନିୟର ଜାତୀୟ ଆକ୍ୱାଟିକ୍ ଚାମ୍ପିଅନସିପ୍‌ର ଉଦ୍‌ଯାପନୀ ସମାରୋହ ଆଜି ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ

୪୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ସେଥିମଧ୍ୟରୁ ଓଡ଼ିଶାର ୧୪ ଜଣ ପ୍ରତିଯୋଗୀ ଭାଗ ନେଇଛନ୍ତି। ସୂଚନାଥାଉକି, ଚଳିତ ମାସ ୨୨ ତାରିଖରୁ ଆରମ୍ଭ ହୋଇଥିଲା।

***Nabarangpur/Met. O.***

# ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର, ପାର୍ଶ୍ୱବର୍ତ୍ତୀ ଉତ୍ତର ଓଡ଼ିଶା ଓ ପଶ୍ଚିମବଙ୍ଗ ଉପକୂଳରେ ସକ୍ରିୟ ଘୂର୍ଣ୍ଣିବଳୟ ଆଜି ଲଘୁଚାପ ରୂପ ନେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ୬ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

ନବରଙ୍ଗପୁର ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ଜନଜୀବନ ବ୍ୟାହତ ହୋଇଛି। ପାପଡ଼ାହାଣ୍ଡି ବ୍ଲକର ଜଟାବାଲ ଗ୍ରାମ ନିକଟ ଗୁଷ୍ଟାକ ନଦୀର ଅସ୍ଥାୟୀ ପୋଲ ବନ୍ୟାଜଳରେ ଭାସି ଯାଇଛି।  ଜିଲ୍ଲାରେ ଗତକାଲି ୫୭ ଦଶମିକ ୫ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ବେଳେ ପାପଡ଼ାହାଣ୍ଡି ବ୍ଲକରେ ସର୍ବାଧିକ ୧୨୦ ମିଲିମିଟର ବର୍ଷା ରେକର୍ଡ ହୋଇଛି।